# ଗଲ୍‌ଫ ଇଣ୍ଡିଆ ଓ ଫିନୋଲେକ୍ସର ସୁରକ୍ଷା ସଚେତନତା ଅଭିଯାନ

ପୁନେ: ଦୁର୍ଘଟଣା ହ୍ରାସ ଓ ସଡ଼କ ସୁରକ୍ଷା ସଚେତନତା ପାଇଁ ପୁନେ ଟ୍ରାଫିକ ପୋଲିସ ସହାୟତାରେ ଫିନୋଲେକ୍ସ ପାଇପର ସିଏସ୍ଆର ସହଯୋଗୀ ମୁକୁଲ ମାଧବ ଫାଉଣ୍ଡେସନ ଓ ଗଲଫ୍ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ ଲିମିଟେଡ୍ ୩୬ କିଲୋମିଟର ଦୀର୍ଘ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପୁନେ ପୋଲିସ କମିଶନର ରଶ୍ମି ଶୁକ୍ଲା, ଫିନୋଲେକ୍ସ ପାଇପର ଅର୍ଥ ନିର୍ଦ୍ଦେଶକ ଅନୀଲ ଭି .ୱାଭୀ, ଗଲ୍‌ଫ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ




ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରବି ଚାୱଲା ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ୪୦୦ ପୋଲିସ କର୍ମଚାରୀ ଓ ୨୦୦ ଆଗ୍ରହୀ ମୋଟର ସାଇକେଲ ଆରୋହୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଫିନୋଲେକ୍ସ ଇଣ୍ଡଷ୍ଟ୍ରି ଲିମଟେଡ଼ର ନିର୍ଦ୍ଦେଶକ ତଥା ମୁକୁଲ ମାଧବ ଫାଉଣ୍ଡେସନର ପରିଚାଳନା ଟ୍ରଷ୍ଟି ରିତୁ ଛବିରିଆ କହିଥିଲେ ଯେ, ସଡ଼କ ସୁରକ୍ଷା ପରି ଏକ ସାମାଜିକ କାର୍ଯ୍ୟ ପାଇଁ ଦୁଇ କର୍ପୋରେଟ ସଂସ୍ଥାର ହେଲମେଟ ପରିଧାନ ଅଭିଯାନ ଏକ ଅନନ୍ୟ କାର୍ଯ୍ୟକ୍ରମ । ପୁନେ ପୋଲିସ କମିଶନର ରଶ୍ମି ଶୁକ୍ଲା ଏହି ଅବସରରେ କହିଥିଲେ ଯେ, ନିଜର ଓ ନିଜ ଆତ୍ମୀୟଙ୍କ ସୁରକ୍ଷା ପାଇଁ ଆମେ ଟ୍ରାଫିକ ନିୟମ ପାଳନ କରିବା ଉଚିତ। ଏହାଫଳରେ ଦୁର୍ଘଟଣା ହ୍ରାସ ପାଇ ଧନଜୀବନ ସୁରକ୍ଷିତ ରହିପାରିବ । ଏହି ଅବସରରେ ଗଲଫ୍ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରବି ଚାୱଲା ଟ୍ରାଫିକ ପୋଲିସ କର୍ତ୍ତବ୍ୟନିଷ୍ଠାକୁ ସ୍ୱୀକୃତି ଜଣାଇଥିଲେ ।